# ପିଲାଙ୍କ ଧରିତ୍ରୀ

ଶନିବାର, ୧୪ ସେପ୍ଟେମ୍ବର, ୨୦୧୯



ଗପ ୭




୩ ସ୍କୁଲ୍... ସ୍କୁଲ୍

୮ ଆଇନା



## ମତାମତ

➤ କବିତା 'ସମୟର ଖେଳ' ବେଶ୍ ହୃଦୟସ୍ପର୍ଶୀ ଥିଲା । ପାର୍ଥକ୍ୟ ଦର୍ଶାଅ କରିବାକୁ ମଜା ଲାଗୁଛି ।

**– ଯୋଗମାୟା ସାମନ୍ତରାୟ**
ଭଣ୍ଡାରିପୋଖରୀ, ଭଦ୍ରକ

➤ ଶିଶୁ ପ୍ରତିଭା ସ୍ତମ୍ଭରେ ଶ୍ରେୟାଂଶଙ୍କର ବୈଜ୍ଞାନିକ ହେବାର ଲକ୍ଷ୍ୟ ନିଶ୍ଚୟ ଦିନେ ସଫଳ ହେବ । ବିଭିନ୍ନ କ୍ଷେତ୍ରରେ ତାଙ୍କର ସଫଳତା ବାସ୍ତବରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ।

**– ଦୀପ୍ତିରେଖା ପଟ୍ଟନାୟକ**
ପାରଳାଖେମୁଣ୍ଡି, ଗଜପତି

➤ ବିଜ୍ଞାନ କଥାରେ ପ୍ରକାଶ ପାଇଥିବା ଚନ୍ଦ୍ରର କଥାରୁ କିଛି ନୂଆ ତଥ୍ୟ ଜାଣିବାକୁ ମିଳିଲା ।

**–ରାଜେଶ, ଦିନେଶ**
ଓଡ଼ଗାଁ, ନୟାଗଡ଼

➤ ପିଲାଙ୍କ ଧରିତ୍ରୀର ପୃଷ୍ଠା ସଂଖ୍ୟା ବୃଦ୍ଧି କରିବାକୁ ମୋର ଅନୁରୋଧ ।

**–ସସ୍ମିତା ମହାରଣା**
କାକଟପୁର, ପୁରୀ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ । ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ । ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ଗପ



# ରାଜା ହେବ ତ ଏମିତି

ଗୋଟିଏ ଜଙ୍ଗଲରେ ଏକ ସିଂହ ଥିଲା । ସେ ସେହି ଅଗନା ଅଗନୀ ବନସ୍ତର ରାଜା ଥିଲା । ସୁତରାଂ ଜଙ୍ଗଲରେ ସମସ୍ତ ଜୀବଙ୍କଠାରୁ ଆରମ୍ଭକରି ପକ୍ଷୀ ପର୍ଯ୍ୟନ୍ତ ତାକୁ ରାଜା ବୋଲି ସମ୍ମାନ କରୁଥିଲେ । ସିଂହ ମହାରାଜ ମଧ୍ୟ ସମସ୍ତ ଜଙ୍ଗଲବାସୀଙ୍କୁ ସୁରକ୍ଷା ପ୍ରଦାନ କରୁଥିଲା ।

ଦିନକର ଘଟଣା । ଜଣେ ଶିକାରୀ, ହାତୀଛୁଆ ଓ ଠେକୁଆ ଶୋଇଥିବା ଅବସ୍ଥାରେ ଫାଶ ପକାଇ ଦୁହିଁଙ୍କୁ ଧରିନେଲା ଓ ନିଜ ସାଥିରେ ଘରକୁ ନେଇଯିବା ପାଇଁ ପ୍ରୟାସ କରୁଥିଲା । ଏହି ସମୟରେ ହଠାତ୍ ହାତୀଛୁଆର ନିଦ ଭାଙ୍ଗିଗଲା ଏବଂ ନିଜକୁ ଜାଲ ଭିତରେ ଦେଖି ଚିତ୍କାର କରିବାକୁ ଲାଗିଲା । ଜଙ୍ଗଲରେ ହାତୀଛୁଆର ଚିତ୍କାର ପ୍ରତିଧ୍ୱନିତ ହେବାକୁ ଲାଗିଲା । ମହାରାଜ ସିଂହ ଘୋର ଅରଣ୍ୟରେ ହାତୀଛୁଆର ବିକଳ କ୍ରନ୍ଦନ ଶୁଣି ନିଜକୁ ସମ୍ଭାଳିପାରିଲା ନାହିଁ । ତତ୍କ୍ଷଣାତ୍ ଚିତ୍କାର ଶୁଭୁଥିବା ଦିଗ ଆଡ଼କୁ ଲମ୍ଫ ପ୍ରଦାନ କଲା । ସିଂହକୁ ଦେଖି ଶିକାରୀ ଜାଲ ନିକ୍ଷେପ କଲା ଧରିବା ପାଇଁ । ମାତ୍ର ପରାକ୍ରମଶାଳୀ ସିଂହର ପ୍ରତି ଆକ୍ରମଣରେ ଶିକାରୀର ପ୍ରାଣବାୟୁ ଉଡ଼ିଗଲା ଏବଂ ସିଂହ ମହାରାଜ ହାତୀଛୁଆ ଓ ଠେକୁଆକୁ ସାଙ୍ଗରେ ନେଇ ଘଞ୍ଚ ଅରଣ୍ୟ ମଧ୍ୟକୁ ଫେରି ଆସିଲା ।

ଜୀବନ ବଞ୍ଚାଇଥିବାରୁ ହାତୀଛୁଆ ଓ ଠେକୁଆ ମହାରାଜ ସିଂହକୁ ବହୁତ ବହୁତ ସାଧୁବାଦ ଦେଲେ ଏବଂ ନିଜ ଭିତରେ ଟୁପୁରୁ ଟାପୁରୁ ହେଲେ– ରାଜା ହେବ ତ ଏମିତି ! ରକ୍ଷକ ଭକ୍ଷକ ନ ହୋଇ ସିଂହ ମହାରାଜଙ୍କ ଭଳି ପ୍ରଜାବତ୍ସଳ ହେବା ଉଚିତ । ତେବେ ଯାଇ ଦୁନିଆ ହସି ଉଠିବ ।

**– ରୋଶନ ପାତ୍ର**
କ୍ଲାସ୍–୬, ଏମ୍‌କେସି ହାଇସ୍କୁଲ,
ବାରିପଦା, ମୟୂରଭଞ୍ଜ

## ଖିଲି ଖିଲି ହସ

**(ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା)**

ନନ୍ଦୁ: ପିଙ୍କି, ଆଜି ମୋତେ ସ୍କୁଲ ପେପରରେ ୧୦୦ ମାର୍କ ମିଳିଛି ।

ପିଙ୍କି : ନନ୍ଦୁ, ତୋତେ କେଉଁ ବିଷୟରେ ୧୦୦ ମାର୍କ ମିଳିଲା ।

ନନ୍ଦୁ: ତିନୋଟି ବିଷୟ ମିଶାଇ (ଗଣିତ–୩୦, ଇଂଲିଶ–୩୦ ଓ ହିନ୍ଦୀରେ– ୪୦) ।





**(ବାପା – ଝିଅ ମଧ୍ୟରେ କଥାବାର୍ତ୍ତା)**

ବାପା: ଆରେ ମିକି, ତୁ ସ୍କୁଲକୁ ନିକିତି ଧରି କାହିଁକି ଯାଉଛୁ ?


ମିକି:ବାପା, କାଲି ସ୍କୁଲ୍‌ରେ ସାର୍ କହୁଥିଲେ, ଆମକୁ କଥା ହେବା ସମୟରେ ମାପି ଚୁପି କରିବା ଆବଶ୍ୟକ । ସେଥିଲାଗି ମୁଁ ନିକିତି ଧରି ଯାଉଛି ।

**ରାଜୁ ନୂଆ କରି ଚା ଦୋକାନ ଖୋଲିଲା ।**

ଗ୍ରାହକ: ମୋ ଚା'ରେ ମାଛି ଭାସୁଛି ।

ରାଜୁ: ମୁଁ କ'ଣ କରିବି ? ଡଙ୍ଗା ଚଲେଇବି ନା ତାକୁ ପହଁରା ଶିଖେଇବି ।

## ବିନ୍ଦୁ ଯୋଡ଼



## ଚଗଲା ଭୀମୁ



**ସଂକ୍ଷେପରେ**

ସ୍ଥାପିତ: ୧୯୯୪
ଶ୍ରେଣୀ: ଶିଶୁ ପ୍ରାରମ୍ଭରୁ ଦଶମ
ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା: ୨୯
ଛାତ୍ରୀଛାତ୍ର ସଂଖ୍ୟା: ୬୭୦
ପ୍ରମୁଖ ଭାଷା: ଓଡ଼ିଆ, ସଂସ୍କୃତ, ଇଂଲିଶ୍, ହିନ୍ଦୀ

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୁଆଁରମୁଣ୍ଡା




ଉଚ୍ଚମାନର ଶିକ୍ଷା ସହ ରାଷ୍ଟ୍ରଭକ୍ତି ଏବଂ ପୁରାତନ ସଂସ୍କୃତିକୁ ଆଧାର କରି ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠା ହୋଇଛି। ଛାତ୍ରୀଛାତ୍ରଙ୍କୁ ସରକାରୀ ପାଠ୍ୟ ପୁସ୍ତକ ସହିତ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପାଠ୍ୟ ପୁସ୍ତକ ପଢ଼ା ଯାଉଥିବାବେଳେ ୫ଟି ଆଧାରଭୁକ୍ତ ବିଷୟ ଶାରୀରିକ, ଯୋଗ, ସଙ୍ଗୀତ, ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଛାତ୍ରୀଛାତ୍ରଙ୍କୁ ଦକ୍ଷ ଏବଂ କୁଶଳୀ ନାଗରିକ ହେବା ପାଇଁ ଶିକ୍ଷା ଦିଆଯାଏ। ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା କରାଯାଇଛି। ୯ମ ଓ ୧୦ମ ପାଇଁ ସ୍ମାର୍ଟ କ୍ଲାସର ବ୍ୟବସ୍ଥା ରହିଛି। ଚଳିତବର୍ଷ ଶିଶୁ ବିଦ୍ୟାମନ୍ଦିର ରୌପ୍ୟ ଜୟନ୍ତୀ ପାଳନ କରିସାରିଛି। ରୌପ୍ୟ ଜୟନ୍ତୀ ପରେ ଛାତ୍ରୀଛାତ୍ରଙ୍କର ଯାତାୟାତ ସୁବିଧା ନିମନ୍ତେ ବସ୍‌ର ସୁବିଧା ମଧ୍ୟ କରାଯାଇଛି। ଛାତ୍ରୀଛାତ୍ରଙ୍କର କ୍ରୀଡ଼ା କସରତ ନିମନ୍ତେ ଖେଳପଡ଼ିଆ ସହିତ ବିଭିନ୍ନ ପ୍ରକାରର କ୍ରୀଡ଼ା ସାମଗ୍ରୀର ସୁବ୍ୟବସ୍ଥା ରହିଛି। ବିଦ୍ୟାମନ୍ଦିରରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ, ଜନ୍ମାଷ୍ଟମୀ, ବିଭିନ୍ନ ଜାତୀୟ ଦିବସ ଓ ମହାପୁରୁଷଙ୍କ ଜୟନ୍ତୀ ଜାକଜମକରେ ପାଳନ କରାଯାଇଥାଏ। ଏହାର ଛାତ୍ରୀଛାତ୍ର ନିଜ ପ୍ରଚେଷ୍ଟା ବଳରେ ଜିଲା, ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ତଥା ସମ୍ମାନିତ ହୋଇଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନ ୨୫ ବର୍ଷ ଧରି ଅଞ୍ଚଳରେ ଶିକ୍ଷା ଓ ନୈତିକତାର ଆଲୋକ ପ୍ରଦାନ କରିଚାଲିଛି।

ରିପୋର୍ଟ–**ମହେନ୍ଦ୍ର କୁମାର ସାହୁ**



**ଶୈଳେଶ କୁମାର ତିୱାରୀ**
(ପରିଚାଳନା କମିଟି ସଭାପତି)

ପିଲାଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଦେଶାତ୍ମବୋଧ, ଆଧ୍ୟାତ୍ମିକତା ଓ ଭାରତୀୟ ସଂସ୍କୃତି ସମ୍ବନ୍ଧୀୟ ଶିକ୍ଷା ହେଉଛି ଶିଶୁ ବିଦ୍ୟାମନ୍ଦିରର ମୂଳଦୁଆ।



**ଘନଶ୍ୟାମ ଦେବତା**
(କୋଷାଧ୍ୟକ୍ଷ)

ଶିଶୁ ମନ୍ଦିରର ସାମଗ୍ରିକ ବିକାଶ ପାଇଁ ଅନବରତ ପ୍ରୟାସ କରୁଛି। ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି ଓ ଅଭିଭାବକଙ୍କ ସହଯୋଗରେ ଶିଶୁ ମନ୍ଦିର ଆଗେଇ ଚାଲିଛି।

ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଶାଲକୁ ଅନ୍ୟମାନଙ୍କ ଉପସ୍ଥିତିରେ ଗୁରୁମା'ମାନେ ସ୍ୱାଗତ କରୁଛନ୍ତି।





ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।



ଗୁରୁମା, ଗୁରୁଜୀଙ୍କ ସହିତ ଛାତ୍ରୀଛାତ୍ର ପ୍ରାର୍ଥନା କରୁଛନ୍ତି।



ଜନ୍ମାଷ୍ଟମୀ ଅବସରରେ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।



**ବିବେକ ରଞ୍ଜନ ବେହେରା** (କ୍ଲାସ୍‌-୯) ଜଣେ ମେଧାବୀ ଛାତ୍ର ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଜିଲା ସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି।



**ରୋଜିରୋଜାଲିନ ପାତ୍ର** (କ୍ଲାସ୍‌-୮) ଭବିଷ୍ୟତରେ ପ୍ରଶାସନିକ ସେବାରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ବିଭିନ୍ନ ସ୍ଥାନରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଛନ୍ତି।



ରୌପ୍ୟ ଜୟନ୍ତୀରେ ନୃତ୍ୟ କାର୍ଯ୍ୟକ୍ରମ।




ରୌପ୍ୟ ଜୟନ୍ତୀ ଉତ୍ସବରେ କର୍ମକର୍ତ୍ତା, ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ର।




୧




୨



୩




୪




୫



୬




୭



୮



୯



୧୦

୧



ରୁଦ୍ରନାରାୟଣ ପଣ୍ଡା
କ୍ଲାସ-୫,
ସେଣ୍ଟଜୋସେଫ୍
ହାଇସ୍କୁଲ,
ଭୁବନେଶ୍ୱର

୨



ଆୟୁଷ ବୋଷ
କ୍ଲାସ - ୬, ସେଣ୍ଟ୍
ଜାଭିୟର୍ସ ହାଇସ୍କୁଲ,
ଭିଏସ୍ଏସ୍ ନଗର,
ଭୁବନେଶ୍ୱର

୩



ପ୍ରିୟାଂଶୀ ପ୍ରିୟଦର୍ଶିନୀ
କ୍ଲାସ-୫,ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ଜାମୁତୋଟା,
ଖୋର୍ଦ୍ଧା

୪




ସିଦ୍ଧିଦାତ୍ରୀ ପତି
କ୍ଲାସ-୩,ଗୁରୁନାନକ
ପବ୍ଲିକ୍ ସ୍କୁଲ,
ବୃନ୍ଦାବନ ବିହାର,
ସମ୍ବଲପୁର

୫



ସ୍ନେହଲତା ମହାନ୍ତି
କ୍ଲାସ - ୫, ସାରସ୍ୱତ
ବିଦ୍ୟା ନିକେତନ,
ପୁରୀ

୬



ଅନନ୍ୟା ରୂପାଲି ତ୍ରିପାଠୀ
କ୍ଲାସ-୫,ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ, ଗୋବିନ୍ଦପାଲି,
ମାଲକାନ୍‌ଗିରି

୭




ଶ୍ରେୟାଂଶୁ ହୋତା
କ୍ଲାସ-୨,ସାରସ୍ୱତ
ବାଲ୍ ମନ୍ଦିର,
ଜୟପୁର

୮



ଶିବାଶିଷ୍ ବାରିକ୍
କ୍ଲାସ-୧୦,ଏସ୍‌ବିଡି
ଇଣ୍ଟରନ୍ୟାସନାଲ୍‌ସ୍କୁଲ,
ଭଦ୍ରକ

୯



ପ୍ରୀତି ଦିପ୍ସା ସାହୁ
କ୍ଲାସ-୧ ,ଆଇଟିବିପି
ପବ୍ଲିକ୍ ସ୍କୁଲ,ତରତୁଆ,
ଖୋର୍ଦ୍ଧା

୧୦



ପ୍ରତୀକ୍ଷା ସାମନ୍ତରାୟ
କ୍ଲାସ-୬,ଡି.ଏ.ଭି
ପବ୍ଲିକ୍ ସ୍କୁଲ,
ପୁରୀ



# ଅଲିମ୍ପିଆଡ ମାଷ୍ଟର ପ୍ରତ୍ୟୁଷ

## ଶିଶୁ ପ୍ରତିଭା

ଜଣେ ମେଧାବୀ ଛାତ୍ର ଭାବେ ସେ ଲାଭ କରିଛନ୍ତି ଅନେକ ସଫଳତା। କେବଳ ଜିଲା ବା ରାଜ୍ୟ ସ୍ତରରେ ନୁହେଁ ଜାତୀୟ ସ୍ତରରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ହେଉଛନ୍ତି ପ୍ରତ୍ୟୁଷ ମହାନ୍ତି । ବୟସ ମାତ୍ର ୯ ବର୍ଷ। ରାଉରକେଲା ନିବାସୀ ଶିକ୍ଷକ ପିତା ସନ୍ଦୀପ କୁମାର ମହାନ୍ତି ଏବଂ ମା' ଅମିତାମୟୀଙ୍କ ଏକମାତ୍ର ପୁତ୍ର ପ୍ରତ୍ୟୁଷ ରାଉରକେଲାର ଦିଲ୍ଲୀ ପବ୍ଲିକ ସ୍କୁଲର କ୍ଲାସ-୪ର ଛାତ୍ର । ପିଲା ବେଳୁ ହିଁ ତାଙ୍କର ପାଠପଢ଼ାରେ ଆଗ୍ରହ। ନିକଟରେ ରାଜସ୍ଥାନର କୋଟାଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ଆଲେନ ଚାମ୍ପିୟନଶିପ୍ ୨୦୧୯ରେ ଅଂଶଗ୍ରହଣ କରି ସେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଏକଲକ୍ଷ ଟଙ୍କା ପୁରସ୍କାର ରାଶି ସହିତ ଗୋଲ୍ଡ ମେଡାଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଆଲେନ ଚାମ୍ପିୟନଶିପରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପ୍ରତିଯୋଗୀଙ୍କୁ ୪ ସ୍ତରୀୟ ପରୀକ୍ଷାର ସାମ୍ନା କରିବାକୁ ପଡିଥାଏ । ଏଥିରେ କମ୍ପ୍ୟୁଟର କୁଇଜ୍, ଗ୍ରୁପ୍ ଡିସ୍କଶନ୍, ପବ୍ଲିକ ସ୍ପିକିଙ୍ଗ୍, ପିକ୍ ଏଣ୍ଡ ସ୍ପିକ୍ ଆଦି ବିଭିନ୍ନ ଆକ୍ଟିଭିଟିରେ ଭାଗ ନେବାକୁ ହୋଇଥାଏ। ପ୍ରତ୍ୟୁଷ ଏହି ସମସ୍ତ ବିଷୟ ଉପରେ ନିଜର ପାରଦର୍ଶିତା ପ୍ରତିପାଦନ କରି କ୍ଲାସ-୧ ରୁ ୩ ବିଭାଗରେ ର୍‍ୟାଙ୍କ୍-୧ ହାସଲ କରିବାର ଯୋଗ୍ୟତା ଅର୍ଜନ କରିପାରିଛନ୍ତି । ଏହା ପୂର୍ବରୁ ସେ ଗତ ତିନିବର୍ଷ ଧରି ବିଭିନ୍ନ ଅଲିମ୍ପିଆଡ ଯଥା ସାଇନ୍ସ ଅଲିମ୍ପିଆଡ ଫାଉଣ୍ଡେଶନ ଦ୍ୱାରା ଅନୁଷ୍ଠିତ ଅନ୍ତର୍ଜାତୀୟ ଇଂଲିଶ ଅଲିମ୍ପିଆଡ ୨୦୧୬, ସିଲଭର ଜୋନ ଦ୍ୱାରା ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଅଲିମ୍ପିଆଡ ଅଫ୍ ସାଇନ୍ସ ୨୦୧୭, ସ୍ମାର୍ଟ କିଡ୍ ଜିକେ ଅଲିମ୍ପିଆଡ ୨୦୧୭, ଇଣ୍ଟରନ୍ୟାଶନାଲ ରିଜନିଙ୍ଗ୍ ଆଣ୍ଡ ଆପ୍ଟିଚ୍ୟୁଡ ଅଲିମ୍ପିଆଡ ୨୦୧୮ ଆଦିରେ ଭାଗ ନେଇ ସଫଳତା ହାସଲ କରିବା ସହ ଜାତୀୟ ସ୍ତରରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି । ପ୍ରତ୍ୟୁଷ ପାଠପଢ଼ା ବ୍ୟତୀତ ଚିତ୍ରାଙ୍କନ, ଖେଳକୁଦ ଯଥା କ୍ରିକେଟ ଏବଂ ଚେସ୍‌ରେ ମଧ୍ୟ ରୁଚି ରଖନ୍ତି। ଭବିଷ୍ୟତରେ ଏରୋସ୍ପେସ୍ ଇଞ୍ଜିନିୟର ତଥା ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଥିବା ପ୍ରତ୍ୟୁଷ ଏବେଠାରୁ ବିଭିନ୍ନ ଏରୋପ୍ଲେନ ଏବଂ ରକେଟ ଡିଜାଇନ୍ ପ୍ରସ୍ତୁତ କରୁଛନ୍ତି। କେବଳ ସେତିକି ନୁହେଁ ସେ ମଧ୍ୟ ଚାହାନ୍ତି ସ୍ମାର୍ଟ ରକେଟ୍ ଏବଂ ଏରୋପ୍ଲେନ ପ୍ରସ୍ତୁତି କ୍ଷେତ୍ରରେ ଏଭଳି ଏକ ଆଧୁନିକ କୌଶଳ ଉଦ୍ଭାବନ କରିବା ପାଇଁ, ଯାହାଦ୍ୱାରା ଯାନ୍ତ୍ରିକ ତ୍ରୁଟି ଏବଂ ଦୁର୍ଘଟଣାକୁ ଦୂରେଇ ଧନ ଜୀବନର ସୁରକ୍ଷା କରାଯାଇପାରିବ। ନିଜର ଏହି ସଫଳତାର ଶ୍ରେୟ ଜେଜେବାପା ଲକ୍ଷ୍ମୀଧର, ଜେଜେ ମା' ମୀନା ଦେବୀ ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି ପ୍ରତ୍ୟୁଷ ।

– ଲିପ୍‌ସା ବିଶୋଇ



## ଏଥରର ପ୍ରଶ୍ନ ?


- ମହମ୍ମଦ କୁଲି କୁତବ ଭାରତର କେଉଁ ପ୍ରସିଦ୍ଧ କୀର୍ତ୍ତି ନିର୍ମାଣ କରିଥିଲେ ?
- ଶାହାଜାହାନଙ୍କ ଦ୍ୱାରା ନିର୍ମିତ ପ୍ରସିଦ୍ଧ ମସଜିଦ୍‌ର ନାଁ କ'ଣ ?
- ହାୱା ମହଲ କେଉଁଠାରେ ଅବସ୍ଥିତ ?
- ତାଜମହଲ କେଉଁ ନଦୀ କୂଳରେ ଅବସ୍ଥିତ ?
- ଲାଙ୍ଗୁଳା ନରସିଂହ ଦେବ ଓଡ଼ିଶାର କେଉଁ ପ୍ରସିଦ୍ଧ ମନ୍ଦିର ନିର୍ମାଣ କରିଥିଲେ ?

## ଆଗଥରର ଉତ୍ତର

- ଅଶୋକ
- ସିଦ୍ଧାର୍ଥ
- ଲକ୍ଷ୍ମୀବାଈ
- ବାହାଦୁର ଶାହ ଜାଫର
- ଚନ୍ଦ୍ରଗୁପ୍ତ ମୌର୍ଯ୍ୟ

## କବିତା

### ଶଗଡ଼ ଗାଡ଼ି



ଶଗଡ଼ ଗାଡ଼ି ସେ ଶଗଡ଼ ଗାଡ଼ି
ଗାଆଁ ଦାଣ୍ଡରେ ଯାଉଥାଏ ମାଡ଼ି।
ତା' ଉପରେ ଲଦି ଧାନ କଳେଇ
ଖଳାକୁ ଆଣଇ କୃଷକ ଭାଇ।
ତା' ଛାତିରେ ରଖି ବେତା ଓଦର
ଖତ ବୋହିନିଏ ବିଲକୁ ତା'ର।
ବୋହୂଟି ଯଦି ଆସେ ବାହା ହୋଇ
ଝିଅ ଶାଶୁଘରକୁ ଯିବା ପାଇଁ।
ଶଗଡ଼ ଗାଡ଼ିଟି ହୁଅଇ ଖୋଜା
ଦୁଇ ଦଣ୍ଡାରେ ତା' ବଳଦ ଯୋଚା।
ଚକ ଦୁଇଟିରେ ଲାଗିଛି ଅଖ
ଦେହରେ ଲାଗିଛି ବାଉଁଶ କାଠି।
କାହାକୁ କେଉଁଠି କରେନି ଧକ୍କା
ବିପଦ ଆପଦେ କରଇ ରକ୍ଷା।
ଗାଆଁରୁ ସହର ଆସଇ ଧାଇଁ
ଜିନିଷ ପତର ନିଅଇ ବୋହି।
ଶଗଡ଼ ଗାଡ଼ି ସେ ଶଗଡ଼ ଗାଡ଼ି
ଗାଆଁ ଦାଣ୍ଡରେ ଯାଏ ଗଡ଼ି ଗଡ଼ି।

–**କଳ୍ପଲତା ପାଲ**, ରେଞ୍ଚ, ପୁରୀ
ମୋ:୯୯୩୮୦୦୦୨୪୪


### ସ୍ନେହ ଉଜାଣି ବୋହି



ଅଶିଣ ନଭେ ଧଳା ବଉଦ
ଭାସିଲା ଭେଳା ଭେଳା,
ଟପର ଟପ ସଞ୍ଜେ ସରଗୁ
ଖସିଲା ମୋତି ମାଳା।
ବରଷା ରାଣୀ ଲୁଚିଗଲାଣି
ତୋଫା ଦିଶିଲା ଧରା,
ପ୍ରକୃତି ରାଣୀ ସଜେଇ ହେଲା
ଧରି ଶୋଭା ପସରା।
ଗୁବି ଗଡ଼ିଆ, ପୋଖରୀ, ନଈ
ଦେହେ ନିର୍ମଳ ଜଳ,
ନଈ ପଠାରେ କାଶତଣ୍ଡୀର
ଉଡ଼େ ନେତ ଧବଳ।
ଚଉରା ମୂଳେ ରଙ୍ଗଣି ରଙ୍ଗ
ବାଡ଼ିରେ ହରଗୌରା,
ରଙ୍ଗ ଚାଦର ବିଛେଇ ଦେଲେ
ମନ ପୁଲକେ ଭରା।
ଥାଳି ପଟଟି ରୁପା ଜହ୍ନଟି
ସଞ୍ଜେ ଆସିଲା ଉଇଁ,
କଇଁ, ପଦୁଅଁ ସରାଗେ ଫୁଟି
ରଚିଲେ ଇନ୍ଦ୍ରଭୂଇଁ।
ଗାଆଁ ସହର ଉଠିଲା କମ୍ପି
ପାରବଣ ବେଳାରେ,
ବିଜେ କରିବେ ଦୁରୁଗା ମାଆ
ମରତ ଭୂଇଁ ପରେ।
ମହିଷାସୁର ନିଧନ କରି
ନାଶିଥିଲେ ସେ ପାପ,
ଆଜି ଜଗତେ ବଢ଼ିଯାଉଛି
ପାପ, ତାପ, ସନ୍ତାପ।
ତାଙ୍କ ଆଶିଷେ ସବୁରି ମନୁ
କଲୁଷ ଯାଉ ଧୋଇ,
ମାନବିକତା ବିକଶି ଉଠୁ
ସ୍ନେହ ଉଜାଣି ବୋହି।

–**ପ୍ରଭାତ ନଳିନୀ ସାହୁ**
ଏମ୍‌ଆଇଆଇସିଆର୍-୬୪,
ଛେଣ୍ଡ କଲୋନୀ, ରାଉରକେଲା

## ଆସ ଖୋଜିବା



# ଜଣା ଅଜଣା

✲ ପୃଥିବୀର ସର୍ବବୃହତ୍ ଚକୋଲେଟ ବାର୍‌ର ଓଜନ ୫୭୯୨.୫୦ କିଲୋଗ୍ରାମ୍।



✲ ପୃଥିବୀର ସବୁଠାରୁ ଶୁଷ୍କ ସ୍ଥାନ ଚିଲିର ଆଟାକାମା ମରୁଭୂମି ହୋଇଥିବା ବେଳେ ସବୁଠାରୁ ଆର୍ଦ୍ରତମ ସ୍ଥାନ ହେଉଛି ଭାରତର ଚେରାପୁଞ୍ଜି।






✲ ପୃଥିବୀରେ ଏଭଳି କିଛି ପ୍ରଜାତି ସାପ ଅଛନ୍ତି, ଯେଉଁମାନେ ବିନା ଖାଦ୍ୟରେ ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିପାରନ୍ତି।





✲ ପୁରାତନ କାଳରେ ଇଜିପ୍ଟରେ ଲୋକମାନେ ମହୁ ଏବଂ ଚିନିକୁ ଆଣ୍ଟି ବାୟୋଟିକ୍ସ ଭାବେ ବ୍ୟବହାର କରୁଥିଲେ।

✲ ମହାକାଶଚାରୀଙ୍କ ଗବେଷଣା ଅନୁଯାୟୀ ପ୍ରତିଦିନ ମହାକାଶରେ ପ୍ରାୟ ୨୭୫ ମିଲିୟନ ନୂଆ ତାରା ସୃଷ୍ଟି ହୋଇଥାନ୍ତି।



✲ ପେନ୍‌ସିଲ ଭିତରେ ଥିବା ଲିଡ୍ ଦ୍ୱାରା ୫୩ କିଲୋମିଟରର ଲମ୍ବା ଲାଇନ୍ ଅଙ୍କାଯାଇପାରିବ।







ସିମ୍ରନ୍
୫ ବର୍ଷ



ଶ୍ରେୟାଂଶୁ
୬ ବର୍ଷ



ଲିପୁନ୍
୧୨ ବର୍ଷ

ଆଇନା